# NATIONAL NEWS BULLETIN (ODIA)

## 31 January - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତାକାଲି କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ।
- ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଏକ ସାର୍ବଜନୀନ ନୀତି ହେବା ଉଚିତ୍, ଦ୍ୱିତୀୟ ଭାରତ ଆରବ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ମତ ରଖିଲେ ଡକ୍ଟର ଜୟଶଙ୍କର ।
- ରାଜ୍ୟସଭା ସାଂସଦ ତଥା ସ୍ୱର୍ଗତ ଅଜିତ ପୱାରଙ୍କ ଧର୍ମପତ୍ନୀ ସୁନେତ୍ରା ପୱାର ହେଲେ ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ।
- ଇସ୍ରାଏଲ୍ ଆକ୍ରମଣରେ ଗାଜାରେ ୨୩ ଜଣ ପାଲେଷ୍ଟେନିୟଙ୍କ ମୃତ୍ୟୁ ।

ଏବଂ

- ନ୍ୟୁଜିଲାଣ୍ଡ ବିପକ୍ଷ ଚୂଡ଼ାନ୍ତ ଟି-ଟ୍ୱେଣ୍ଟି କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରୁଛି ଭାରତ ।

## ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ଲୋକସଭାରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପସ୍ଥାପନ କରିବେ । ଲୋକସଭାରେ ବଜେଟ୍ ଉପସ୍ଥାପନ ପରେ ବଜେଟ୍‌ର କପି ରାଜ୍ୟସଭାରେ ଉପସ୍ଥାପିତ ହେବ । ଏହା ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ତୃତୀୟ ବଜେଟ୍ ହେବ । ବଜେଟ୍ ପ୍ରସ୍ତୁତି ପୂର୍ବରୁ ଅର୍ଥମନ୍ତ୍ରୀ' ଅର୍ଥନୀତିଜ୍ଞ, ବାଣିଜ୍ୟ ସଂଘ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର, ଏମ୍.ଏସ୍.ଏମ୍.ଇ., ବାଣିଜ୍ୟ ଏବଂ ଶିଳ୍ପ, ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାରର ବିଶେଷଜ୍ଞ ଓ ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ଅଂଶିଦାରମାନଙ୍କ ସହ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ କରିଥିଲେ । କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ, କୃଷି ଏବଂ ଗ୍ରାମୀଣ ବିକାଶ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ମଧ୍ୟ ପ୍ରାକ୍ ବଜେଟ୍ ସଂକ୍ରାନ୍ତ ପରାମର୍ଶ କରିଥିଲେ ।

## ପିଏମ୍-ଫରେନ୍ ମିନିଷ୍ଟ୍ରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦ୍ୱିତୀୟ ଭାରତ-ଆରବ ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପାଇଁ ନୂଆଦିଲ୍ଲୀରେ ଥିବା ଆରବ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀ, ଆରବ ରାଷ୍ଟ୍ର ସମୂହର ମହାସଚିବ ଏବଂ ପ୍ରତିନିଧି ମଣ୍ଡଳୀଗୁଡ଼ିକର ମୁଖ୍ୟଙ୍କ ଏକ ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିଛନ୍ତି । ଏହି ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଭାରତ ଏବଂ ଆରବ

ମଧ୍ୟରେ ଗଭୀର ଏବଂ ଐତିହାସିକ ଜନସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଦେଶଗୁଡ଼ିକର ପାରସ୍ପରିକ ଲାଭ ପାଇଁ ବାଣିଜ୍ୟ ଏବଂ ନିବେଶ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ପ୍ରାଥମିକତା କ୍ଷେତ୍ରରେ ସହଯୋଗକୁ ଆହୁରି ଦୃଢ଼ିଭୂତ କରିବା ପାଇଁ ପ୍ରଧାନମନ୍ତ୍ରୀ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ପାଲେଷ୍ଟାଇନ୍‌ର ଲୋକଙ୍କ ପ୍ରତି ଭାରତର ନିରନ୍ତର ସମର୍ଥନକୁ ପୁନରାବୃତ୍ତି କରିଥିଲେ ଏବଂ ଗାଜା ଶାନ୍ତି ଯୋଜନା ସମେତ ଚାଲୁଥିବା ଶାନ୍ତି ପ୍ରୟାସକୁ ସ୍ୱାଗତ କରିଥିଲେ । ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ପାଇଁ ଆରବ ଲିଗ୍ ଦ୍ୱାରା କରାଯାଇଥିବା ଭୂମିକା ସେ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଜୟଶଙ୍କର-ଇଣ୍ଡିଆ ଆରବ ଏଫ୍‌ଏମ୍‌ଏମ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି, ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଏକ ସାର୍ବଜନୀନ ନୀତି ହେବା ଉଚିତ୍ । ନୂଆଦିଲ୍ଲୀରେ ଚାଲିଥିବା ଦ୍ୱିତୀୟ ଭାରତ-ଆରବ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ ଡକ୍ଟର ଜୟଶଙ୍କର କହିଛନ୍ତି, ସମସ୍ତ ପ୍ରକାର ଆତଙ୍କବାଦ ଭାରତ ଏବଂ ଆରବ ରାଷ୍ଟ୍ର ଗୁଡ଼ିକ ପାଇଁ ଏକ ବିପଦ । ସୀମାପାର ଆତଙ୍କବାଦ ଗ୍ରହଣୀୟ ନୁହେଁ ବୋଲି ଜୟଶଙ୍କର କହିଛନ୍ତି । ଏହା ଆନ୍ତର୍ଜାତିକ ସମ୍ପର୍କ ଏବଂ କୂଟନୀତିର ମୌଳିକ ନୀତିକୁ ଉଲ୍ଲଙ୍ଘନ କରେ । ସେ କହିଛନ୍ତି, ଆତଙ୍କବାଦ କବଳରୁ ସମାଜ ଗୁଡ଼ିକର ନିଜକୁ ରକ୍ଷା କରିବାର ଅଧିକାର ରହିଛି । ଏହାର ମୁକାବିଲା ପାଇଁ

ଆନ୍ତର୍ଜାତିକ ସହଯୋଗକୁ ମଜବୁତ କରିବାର ଆବଶ୍ୟକତା ଉପରେ ଶ୍ରୀ ଜୟଶଙ୍କର ଗୁରୁତ୍ୱାରୋପ କରିଥିଲେ ।

ଡକ୍ଟର ଜୟଶଙ୍କର କହିଛନ୍ତି, ସମସ୍ତ ଆରବ ରାଷ୍ଟ୍ର ସହିତ ଭାରତର ଦୃଢ଼ ସହଭାଗିତା ରହିଛି । ବିଭିନ୍ନ କାରଣ ପାଇଁ ବିଶ୍ୱ ପରିବର୍ତ୍ତିତ ହେଉଥିବା ବେଳେ ଏହି ବୈଠକ ଅନେକ ଗୁରୁତ୍ୱ ବହନ କରୁଛି । ଗାଜା ପରିସ୍ଥିତି ଆନ୍ତର୍ଜାତିକ ସମୁଦାୟର ଧ୍ୟାନ କେନ୍ଦ୍ରିତ କରିଛି । ଗାଜା ସଂଘର୍ଷ ସମାପ୍ତ କରିବା ପାଇଁ ବ୍ୟାପକ ଯୋଜନାକୁ ଆଗକୁ ନେବା ପାଇଁ ଏହି ବୈଠକରେ ଆଲୋଚନା ହେବ ବୋଲି ବୈଦେଶିକ ମନ୍ତ୍ରୀ କହିଛନ୍ତି । ସୁଦାମ, ୟେମେନ୍, ଲେବାନନ ଏବଂ ଲିବିଆର ପରିସ୍ଥିତି ଉପରେ ସାମୂହିକ ଧ୍ୟାନ ଦେବା ଜରୁରୀ ବୋଲି ସେ ଉଲ୍ଲେଖ କରିଛନ୍ତି ।

## କୋଷ୍ଟଗାର୍ଡ଼ ରେଜିଂ ଡେ

ଭାରତୀୟ ତଟରକ୍ଷୀ ବାହିନୀ ଆସନ୍ତାକାଲି ତାର ୫୦ତମ ପ୍ରତିଷ୍ଠା ଦିବସ ପାଳନ କରିବ । ୧୯୭୭ ମସିହା ଫେବୃୟାରୀ ୧ ତାରିଖରେ ପ୍ରତିଷ୍ଠା ଲାଭ କରିଥିବା ଭାରତୀୟ ତଟରକ୍ଷୀ ବାହିନୀ ମାତ୍ର ୭ଟି ଭୂ-ପୃଷ୍ଠ ପ୍ଲାଟ୍‌ଫର୍ମ ସହ ଆରମ୍ଭ ହୋଇଥିଲା । ଆଜି ଭାରତୀୟ ତଟରକ୍ଷୀ ବାହିନୀ ୧୫୫ଟି ଜାହାଜ ଏବଂ ୮୦ଟି ବିମାନକୁ ନେଇ ଏକ ଶକ୍ତିଶାଳୀ ସାମୁଦ୍ରିକ ବାହିନୀରେ ପରିଣତ ହୋଇଛି । ୨୦୩୦ ସୁଦ୍ଧା ତଟରକ୍ଷୀ ବାହିନୀ ୨୦୦ ଭୂ-ପୃଷ୍ଠ ପ୍ଲାଟ୍‌ଫର୍ମ ଏବଂ ୧୦୦ଟି ବିମାନର ଲକ୍ଷ୍ୟ ହାସଲ କରିବାକୁ ପ୍ରସ୍ତୁତ ।

## ପ୍ରେଜ୍-ରବିଦାସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ରବିଦାସଙ୍କ ଜନ୍ମ ବାର୍ଷିକର ପୂର୍ବ ସନ୍ଧ୍ୟାରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଗୁରୁ ରବିଦାସ ଜଣେ ପୂଜ୍ୟ ସନ୍ଥ ଏବଂ ସମାଜ ସଂସ୍କାରକ ଥିଲେ । ସେ ତାଙ୍କ ଶିକ୍ଷା ମାଧ୍ୟମରେ ସମାନତା, ସାମାଜିକ ନ୍ୟାୟ ଏବଂ ପ୍ରେମର ବାର୍ତ୍ତା ଦେଇଥିଲେ । ଗୁରୁ ରବିଦାସଙ୍କ ଚିନ୍ତାଧାରା ସର୍ବଦା ପ୍ରସଙ୍ଗିକ ରହିବ ଏବଂ ମାନବୀୟ ମୂଲ୍ୟବୋଧକୁ ଗ୍ରହଣ କରିବା ଦିଗରେ ମାର୍ଗଦର୍ଶନ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ପିଏମ୍-ପ୍ରଗତି

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟା ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ମଞ୍ଚ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା ସହିତ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି । ଏହି ବିଶେଷ ଶୃଙ୍ଖଳାରେ ଆସନ୍ତୁ ଜାଣିବା ଉତ୍ତରାଖଣ୍ଡ ସହିତ ଜଡ଼ିତ ପ୍ରକଳ୍ପଗୁଡ଼ିକ ଉପରେ ପ୍ରଗତିର ପ୍ରଭାବ ସମ୍ପର୍କରେ ।

ଉତ୍ତରାଖଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ହିମାଳୟ ରାଜ୍ୟ । ଯାହା ଯୋଗାଯୋଗ, ବିଦ୍ୟୁତ୍ ଉତ୍ପାଦନ, ଟେଲିକମ୍ ସମ୍ପ୍ରସାରଣ ଏବଂ ତୀର୍ଥ କ୍ଷେତ୍ର ଭିତ୍ତିଭୂମି ସହିତ ଜଡ଼ିତ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ କରୁଛି । ବର୍ତ୍ତମାନ ଉତ୍ତରାଖଣ୍ଡରେ ୩ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହିତ ୪୨ଟି ପ୍ରକଳ୍ପ ଉପରେ ନଜର

ରଖାଯାଇଛି । ଏଥି ମଧ୍ୟରୁ ପ୍ରଗତି ବ୍ୟବସ୍ଥା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୧ ଲକ୍ଷ ୨୨ ହଜାର କୋଟି ଟଙ୍କାର ୧୫ଟି ଉଚ୍ଚ ମୂଲ୍ୟର ପ୍ରକଳ୍ପ ସମୀକ୍ଷା କରାଯାଇଛି । ଏଗୁଡ଼ିକ ମଧ୍ୟରେ ଚାରିଧାମ ରାସ୍ତା ସଂଯୋଗୀକରଣ, ରିଷିକେଶ-କର୍ଣ୍ଣପ୍ରୟାଗ ରେଳଲାଇନ୍, ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍ ୱେ ପ୍ୟାକେଜ୍ ଏବଂ ବୃହତ ଜଳବିଦ୍ୟୁତ୍ ପ୍ରକଳ୍ପ ଭଳି ପ୍ରମୁଖ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପଗୁଡ଼ିକରେ ମୋଟ୍ ୬୯ଟି ସମସ୍ୟା ଉଠାଯାଇଥିବା ବେଳେ ସେଥିମଧ୍ୟରୁ ୬୭ ସମସ୍ୟାର ସମାଧାନ ହୋଇସାରିଛି । ପ୍ରଗତି ବ୍ୟବସ୍ଥା ଭୂମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁରୀ ଏବଂ ଆଇନ୍ ଶୃଙ୍ଖଳା ସଂକ୍ରାନ୍ତ ଆହ୍ୱାନଗୁଡ଼ିକର ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ମହା-ସୁନେତ୍ରା ପାୱାର

ମୁମ୍ବାଇର ଲୋକଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏକ ସମାରୋହରେ ରାଜ୍ୟସଭା ସାଂସଦ ସୁନେତ୍ରା ପୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ପୂର୍ବରୁ ସ୍ୱର୍ଗତ ଅଜିତ ପୱାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳର ବିଧାନ ଭବନ ପରିସରରେ ଅନୁଷ୍ଠିତ ବୈଠକରେ ଆଜି ଶ୍ରୀମତୀ ପୱାରଙ୍କୁ ସର୍ବସମ୍ମତି କ୍ରମେ ଏନ୍.ସି.ପି. ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା । ବିମାନ ଦୁର୍ଘଟଣାରେ ଶ୍ରୀମତୀ ପୱାରଙ୍କ ସ୍ୱାମୀ ତଥା ମହାରାଷ୍ଟ୍ର

ଉପମୁଖ୍ୟମନ୍ତ୍ରୀ ଅଜିତ ପୱାରଙ୍କ ଆକସ୍ମିକ ମୃତ୍ୟୁ ପରେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାରୁ ଶ୍ରୀମତୀ ପୱାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଗାଜା-ଇସ୍ରାଏଲ୍

ଗାଜାରେ ଇସ୍ରାଏଲ୍ ଆକ୍ରମଣରେ ଅତି କମ୍‌ରେ ୨୩ ଜଣ ପାଲେଷ୍ଟେନିୟଙ୍କ ମୃତ୍ୟୁ ହୋଇଥିବା ନେଇ ସେଠାକାର ଡାକ୍ତରଖାନାଗୁଡ଼ିକ କହିଛନ୍ତି । ଇସ୍ରାଏଲ୍ ହମାସ୍‌କୁ ନୂତନ ଅସ୍ତ୍ରବିରତୀ ଉଲ୍ଲଙ୍ଘନ ପାଇଁ ଅଭିଯୁକ୍ତ କରିବାର ଗୋଟିଏ ଦିନ ପରେ ଗାଜାର ବିଭିନ୍ନ ସ୍ଥାନରେ ଆକ୍ରମଣ ହୋଇଥିଲା । ମୃତକଙ୍କ ମଧ୍ୟରେ ଦୁଇଟି ଭିନ୍ନ ପରିବାରର ଦୁଇ ମହିଳା ଏବଂ ୬ ଜଣ ଶିଶୁ ଥିବା ଜଣାପଡ଼ିଛି । ଗାଜା ସହରର ଏକ ଥାନା ଉପରେ ବିମାନ ଆକ୍ରମଣ ଫଳରେ ଅତି କମ୍‌ରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି  ସେଠାକାର ଏକ ଘରୋଇ ହସ୍ପିଟାଲ୍‌ର ନିର୍ଦ୍ଦେଶକ ମହମ୍ମଦ ଆବୁ ସେଲିନିୟା କହିଛନ୍ତି ।

# ଥାଇଲାଣ୍ଡ ମାଷ୍ଟର୍ସ

ଭାରତର ଦେବୀକା ସିହାଲ ଥାଇଲାଣ୍ଡ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଆଜି ସନ୍ଧ୍ୟାରେ ବ୍ୟାଙ୍ଗକକ୍‌ର ନିମିବୁଟ୍ରୁ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦେବୀକା ଚୀନ୍ ତାଇପେଇର ହୁଆଙ୍ଗ୍ ୟୁ ସୁନ୍‌ଙ୍କୁ ୨୨-୨୦, ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି ।

# ଅଷ୍ଟ୍ରେଲିଆନ୍ ଓପନ୍

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍‌ରେ ଏଲିନା ରିବାକିନା ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ଆରିନା ସାବାଲେଙ୍କାଙ୍କୁ ୬-୪, ୪-୬, ୬-୪ ସେଟ୍‌ରେ ପରାସ୍ତ କରି ତାଙ୍କର ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ହାସଲ କରିଛନ୍ତି । ପୁରୁଷ ସିଙ୍ଗଲ୍ସ ଫାଇନାଲ୍‌ରେ ବିଶ୍ୱର ଚାରି ନମ୍ବର ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିକ୍ ଆସନ୍ତାକାଲି ବିଶ୍ୱର ଏକ ନମ୍ବର ଖେଳାଳି ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ଭେଟିବେ ।

# କ୍ରିକେଟ୍

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଥିରୁଅନନ୍ତପୁରମ୍‌ର ଗ୍ରୀନ୍ ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯାଉଛି । ଭାରତ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ କୌଣସି ୱିକେଟ୍ ନ ହରାଇ ୨୯ ରନ୍ ସଂଗ୍ରହ କରିଛି । ଏହି ସିରିଜ୍‌ରେ ଭାରତ ୩-୧ରେ ଆଗୁଆ ରହିଛି ।